| Published Date: | 28 Aug 2018 | Publication: | Nirbhaya (Oriya) |
|---|---|---|---|
| Edition: | Bhubaneshwar | Page No: | 15 |
| MAV/CCM: | 3164/7.91 | Circulation: | 12000 |

# ୭ରେ ଟିସିଏସ୍ ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣ

**ନିର୍ଭୟ ମିଡିଆ : ଭୁବନେଶ୍ୱର**

ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣକୁ ସେପ୍ଟେମ୍ବର ୭ ତାରିଖରେ ଭୁବନେଶ୍ୱରର ହୋଟେଲ୍ ପାଲ୍ ହାଇଟସ୍‌ଠାରେ ଆୟୋଜନ କରାଯିବ। ଏହା ହେଉଛି ଭାରତର ସର୍ବବୃହତ ସ୍କୁଲ ସ୍ତରୀୟ ପ୍ରଯୁକ୍ତି କୁଇଜ ପ୍ରତିଯୋଗିତା। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରତି ଅନୁଷ୍ଠାନ ସର୍ବାଧିକ ୧୫ଟି ଟିମ୍ ପଠାଇପାରିବେ ଓ ପ୍ରତି ଟିମ୍‌ରୁ ସଦସ୍ୟ ସଂଖ୍ୟା ହେଉଛି ଦୁଇ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ଦରକାର ନାହିଁ। ଟିସିଏସ୍ ଆଇଟି ୱିଜ୍ ୨୦୧୮ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକାତା, ମୁମ୍ବାଇ, ନାଗପୁର ଓ ପୁନେ ଭଳି ୧୨ଟି ସହରରେ ଉପଲବ୍ଧ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଚାହୁଁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଅଗଷ୍ଟ ୩୧ ତାରିଖ (ଶୁକ୍ରବାର) ସୁଦ୍ଧା ପଟିଆର ଚନ୍ଦକା ଶିକ୍ଷାଞ୍ଚଳଠାରେ ଥିବା ଟିସିଏସ୍‌ର କୁଇଜ୍ ସଂଯୋଜକଙ୍କୁ ସାକ୍ଷାତ କରିପାରିବେ। ଅଥବା ୦୯୨୩୮୩୦୧୯୫୦ରେ କଲ୍ କରିପାରିବେ କିମ୍ବା www.tcsitwiz.com ଅନଲାଇନ୍‌ରେ ପଞ୍ଜୀକରଣ କରିପାରିବେ।

ପ୍ରାରମ୍ଭିକ ଲିଖିତ ପର୍ଯ୍ୟାୟର ଶ୍ରେଷ୍ଠ ୬ଟି ଟିମ୍ ଆଞ୍ଚଳିକ ପର୍ଯ୍ୟାୟକୁ ଉନ୍ନୀତ ହେବେ। ପ୍ରତି ସ୍କୁଲର କେବଳ ଶ୍ରେଷ୍ଠ ଟିମ୍‌କୁ ଷ୍ଟେଜ୍ ଉପରକୁ ଆମନ୍ତ୍ରଣ କରାଯିବ। ଆଞ୍ଚଳିକ ପର୍ଯ୍ୟାୟରେ ବିଜେତା ଟିମ୍ ଜାତୀୟ ପ୍ରତିଯୋଗିତା ପର୍ଯ୍ୟାୟରେ ସାମିଲ ହୋଇପାରିବେ। ଆଞ୍ଚଳିକ ପର୍ଯ୍ୟାୟରେ ଚାମ୍ପିଆନ୍‌ଙ୍କୁ ୬୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ଓ ରନର୍ସ ଅପ୍‌କୁ ୪୦ ହଜାର ଟଙ୍କାର ଭାଉଚର୍ ପ୍ରଦାନ କରାଯିବ ଓ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଟ୍ରଫି ଓ ମେଡାଲ୍ ପ୍ରଦାନ କରାଯିବ। ଅନ୍ୟ ୬ ଫାଇନାଲିଷ୍ଟମାନଙ୍କୁ ବ୍ଲୁ ଟୁଥ୍ ସ୍ପିକର୍, ଓୟାରଲେସ୍ ଆଉଟ୍‌ଡୋର୍ ସ୍ପିକର୍ ଓ ପେନଡ୍ରାଇଭ୍ ପ୍ରଦାନ କରାଯିବ। ପ୍ରତି ସହରର ଆଂଚଳିକ ପର୍ଯ୍ୟାୟ ଫାଇନାଲ୍ ବେଳେ ଟ୍ୱିଟରରେ ଏକ ପ୍ରତିଯୋଗିତା ଆୟୋଜନ କରାଯିବ। ଦୁଇ ସର୍ବାଧିକ ଟୁଇଟ୍ ଓ ବେଷ୍ଟ ଟୁଇଟ୍ ଅଫ୍ ଦି ଡେକୁ ପୁରସ୍କୃତ କରାଯିବ।